*1961*

*ଜାନୁଆରୀ 10*

କେ. ଏ. ରାମାଚର ଏବଂ ଅନ୍ୟ ଜଣେ

ବନାମ

ଆୟକର ଆୟୁକ୍ତ, ମାଡ୍ରାସ

(ଜେ. ଏଲ. କପୁର, ଏମ. ହିଦାୟତୁଲ୍ଲା ଏବଂ ଜେ. ସି. ଶାହ, ନ୍ୟାୟମୂର୍ତ୍ତି)

*ଆୟକର- ଭାଗିଦାରୀ ବ୍ୟବସାୟିକ ପ୍ରତିଷ୍ଠାନରୁ କରଦାତା ନିଜ ଲାଭର କିଛି ଅଂଶ ନିଜ ପତ୍ନୀ ଏବଂ ଝିଅମାନଙ୍କୁ ପ୍ରଦାନ କରିଛନ୍ତି- ଏପରି ଲାଭ, ଯଦି ମୂଲ୍ୟ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ କରଦାତାଙ୍କ ମୋଟ ଆୟରେ ଅନ୍ତର୍ଭୁକ୍ତ କରାଯାଇପାରିବ- ଆୟକର ଅଧିନିୟମ , 1922 (1922 ର 11 ), ଧାରା 16(1)(c)।*

ଏକ ଭାଗିଦାରୀ ବ୍ୟବସାୟିକ ପ୍ରତିଷ୍ଠାନର ଅଂଶୀଦାର ଜନୈକ ରଙ୍ଗଚାରୀ ନାମକ ବ୍ୟକ୍ତି, ବନ୍ଦୋବସ୍ତ ଦଲିଲ ମାଧମରେ ବ୍ୟବସାୟିକ ପ୍ରତିଷ୍ଠାନର ଲାଭର ଏକ ଚତୁର୍ଥାଂଶ ଅଂଶ ତାଙ୍କ ପତ୍ନୀ, ଜଣେ ପ୍ରାପ୍ତ ବୟସ୍କା ବିବାହିତା ଝିଅ ଏବଂ ନାବାଳିକା ଝିଅକୁ ୫ ବର୍ଷର ଅବଧି ପାଇଁ ପ୍ରଦାନ କରିଥିଲେ, ଯେଉଁ ଅଂଶଟିକୁ ସମ୍ପୂର୍ଣ୍ଣ ଭାବେ ଏବଂ ସ୍ୱତନ୍ତ୍ର ଭାବରେ ବ୍ୟବସାୟିକ ପ୍ରତିଷ୍ଠାନରୁ ଲାଭ ପାଇବାର ଅଧିକାର ସେମାନଙ୍କର ରହିଥିଲା । ଆୟକର ଅଧିନିୟମର ଧାରା 66(1) ଅଧୀନରେ ଏକ ବିଚାରାର୍ଥେ ପ୍ରେରଣ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉଠିଥିବା ପ୍ରଶ୍ନ ଥିଲା, "କରଦାତାଙ୍କର ମୋଟ ଆୟରେ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କ ପାଇଁ ସେ ସ୍ଥିର କରିଥିବା ଲାଭକୁ ସାମିଲ କରିବା ନ୍ୟାୟସଙ୍ଗତ କି?" *ବିଜୟ ସିଂ ଦୁଧୁରିଆଙ୍କ* ମାମଲାରେ ପ୍ରିଭି ପରିଷଦ ଦ୍ୱାରା ନିର୍ଦ୍ଧାରିତ ନିୟମ ଉପରେ ନିର୍ଭର କରି କରଦାତା ରଙ୍ଗଚାରୀ ଦାବି କରିଛନ୍ତି ଯେ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କୁ ପ୍ରଦାନ କରାଯିବାକୁ ଥିବା ରାଶି କଦାପି ତାଙ୍କର ଆୟ ହୋଇନଥିଲା, ଏକ ପ୍ରାଧାନ୍ୟତାର ଅଧିକାର ଦ୍ୱାରା ବିଚଳନ କରାଯାଇଥିଲା ଏବଂ ସେହି ପରିମାଣଗୁଡ଼ିକ ଆୟକର ଅଧିନିୟମର ଧାରା 16(1)(c) ର ତୃତୀୟ ପ୍ରାବଧାନ କାରଣରୁ ବାଦ ଦିଆଯାଇଥିବା ଯୋଗୁଁ ମୂଲ୍ୟ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ତୃତୀୟ ପ୍ରାବଧାନଟି ଆକର୍ଷିତ ହେଉନଥିଲା ଏବଂ ଆୟ ପ୍ରଥମେ କରଦାତାଙ୍କୁ ଜମା ଦିଆଯାଇଥିଲା, ଏବଂ ତା'ପରେ ଦଲିଲ ମାଧମରେ ଦେୟ ପାଇଁ ଆବେଦନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ପ୍ରମାଣପତ୍ର ସହିତ କରାଯାଇଥିବା ଆବେଦନ ଉପରେ:

*କୁହାଗଲା*, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତରଟି ସଠିକ୍ ଥିଲା ।

ବନ୍ଦୋବସ୍ତ ଦଲିଲର ଯାଞ୍ଚରୁ ଜଣାପଡ଼ିଲା ଯେ ବିତରଣକାରୀ କହିଥିଲେ ଯେ "ତାଙ୍କୁ ଦେବାକୁ ଥିବା" ଲାଭରୁ ବିନିର୍ଦ୍ଦିଷ୍ଟ ଅଂଶରେ କିଛି ପରିମାଣ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କୁ ଦେବାକୁ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେହି ଦଲିଲଗୁଡ଼ିକରେ କରଦାତା, ସେ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ଅଂଶୀଦାର ଥିଲେ, ସେହି ବ୍ୟବସାୟିକ ପ୍ରତିଷ୍ଠାନଠାରୁ ସିଧାସଳଖ ରାଶି ପାଇବାର ଅଧିକାର ଗ୍ରହୀତାଙ୍କ ସପକ୍ଷରେ ସୃଷ୍ଟି କରିଥିଲେ । ଦଲିଲର ଅବଧି ଦର୍ଶାଇଥିଲା ଯେ ଲାଭ ପ୍ରଥମେ ତାଙ୍କ ପାଖରେ ଜମା ହେବାକୁ ଥିଲା ଏବଂ ତା'ପରେ ଗ୍ରହୀତାମାନଙ୍କୁ ଦେୟ ପାଇଁ ପ୍ରଯୋଜ୍ୟ କରାଯାଇଥିଲା ।

ଭାଗିଦାରୀ ନିୟମ ଅଧୀନରେ ଅଂଶୀଦାର ଏବଂ କେବଳ ଅଂଶୀଦାର ହିଁ ଲାଭ ପାଇବାକୁ ହକଦାର । ଜଣେ ଅପରିଚିତ ବ୍ୟକ୍ତି, ଯଦିଓ ସେ ଜଣେ ଗ୍ରହୀତା, ଲାଭ ଉପରେ ସିଧାସଳଖ ଦାବି କରନ୍ତି ନାହିଁ ଏବଂ କରିପାରିବେ ନାହିଁ । ପ୍ରଶ୍ନରେ ଥିବା ଦଲିଲଗୁଡ଼ିକ ଦ୍ୱାରା କରଦାତା କେବଳ ତାଙ୍କ ପତ୍ନୀ ଏବଂ ଝିଅମାନଙ୍କୁ ଏକ ଦେୟ ପାଇଁ ଅନୁମତି ଦିଅନ୍ତି ଯାହା ବ୍ୟବସାୟିକ ପ୍ରତିଷ୍ଠାନ ସପକ୍ଷେ ଏକ ବୈଧ ନିର୍ବାହ ଗଠନ କରେ, କିନ୍ତୁ ଯାହା ପ୍ରଦାନ କରାଯାଇଥିଲା ତାହା ଆଇନରେ, ତାଙ୍କ ଲାଭର ଏକ ଅଂଶ କିମ୍ବା ଅନ୍ୟ ଶବ୍ଦରେ, ତାଙ୍କର ଆୟ ଥିଲା ।

*1961*

*କେ. ଏ. ରାମାଚର*
*ବନାମ*
*ଆୟକର ଆୟୁକ୍ତ,*
*ମାଡ୍ରାସ*

*ବିଜୟ ସିଂହଙ୍କ* ମାମଲାର ଏହି ନିୟମ ଏହି ମାମଲାରେ ପ୍ରଯୋଜ୍ୟ ହୋଇନଥିଲା, ଏବଂ *ଶୀତଳଦାସ ତିରଥଦାସଙ୍କ* ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ଏହା କୁହାଯାଇପାରିବ ନାହିଁ ଯେ ଏହି ଲାଭ କରଦାତାଙ୍କ ନିକଟରେ ଜମା ହେବା ପୂର୍ବରୁ ଏକ ପ୍ରାଧାନ୍ୟତାର ଅଧିକାର ଦ୍ୱାରା ବିଚଳନ ହୋଇଥିଲା ।

*ପ୍ରଭାତ କୁମାର ମିତ୍ତର* ବନାମ *ଆୟକର ଆୟୁକ୍ତ, ପଶ୍ଚିମବଙ୍ଗ* [1961] 3 ଏସ.ସି.ଆର. 37.

*ତୁଳସୀଦାସ କିଲାଚାନ୍ଦ* ବନାମ *ଆୟକର ଆୟୁକ୍ତ* [1961] 3 ଏସ.ସି.ଆର. 351 ।

*ଆୟକର ଆୟୁକ୍ତ, ବମ୍ବେ* ବନାମ *ଶୀତଳଦାସ ତୀରଥଦାସ* [1961] 2 ଏସ.ସି.ଆର. 634 ଲାଗୁ କରାଯାଇଛି ।

*ବିଜୟ ସିଂହ ଦୁଧୁରିଆ* ବନାମ *ଆୟକର ଆୟୁକ୍ତ, ବଙ୍ଗଳା* [1933] ଆଇ.ଟି.ଆର. 135, ଲାଗୁ ହେବ ନାହିଁ କୁହାଗଲା ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 142 ଏବଂ 143/1960 ।

ସି.ଆର୍. ସଂଖ୍ୟା 32/1952 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ତା 21 ଜୁଲାଇ, 1955 ରିଖର ରାୟ ତଥା ଆଦେଶରୁ ଆବେଦନଟି ।

ଆବେଦନକାରୀଙ୍କ ପକ୍ଷରୁ ଜି. ଏସ୍. ପାଠକ ଏବଂ ନୌନୀତ ଲାଲ ।

ପ୍ରତିବାଦୀଙ୍କ ପକ୍ଷରୁ କେ. ଏନ୍. ରାଜାଗୋପାଳ ଶାସ୍ତ୍ରୀ ଏବଂ ଡି. ଗୁପ୍ତା ।

1961 । ଜାନୁଆରୀ 10 । ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

*ହିଦାୟତୁଲ୍ଲା,ନ୍ୟାୟମୂର୍ତ୍ତି*

ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତି – ଏଗୁଡ଼ିକ ଆୟକର ଆବେଦନ ନ୍ୟାୟାଧିକରଣ, ମାଡ୍ରାସ ବିଚାରପୀଠ ଦ୍ୱାରା ଆୟକର ଅଧିନିୟମର ଧାରା 66(1) ଅଧୀନରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟକୁ ପ୍ରେରିତ ଏକ ସନ୍ଦର୍ଭରେ କାର୍ଯ୍ୟବିଧି ବିରୁଦ୍ଧରେ, ବିଚାରଧୀନତା ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜନୈକ ଏ. ଆର. ରଙ୍ଗଚାରୀଙ୍କ ଆଇନଗତ ପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ଦୁଇଗୋଟି ଆବେଦନ । ନିମ୍ନୋକ୍ତ ପ୍ରଶ୍ନକୁ ଉଚ୍ଚ ନ୍ୟାୟାଳୟକୁ ଏହାର ନିର୍ଣ୍ଣୟ ପାଇଁ ପଠାଯାଇଥିଲା:

"କରଦାତାଙ୍କ ମୋଟ ଆୟରେ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କ ପାଇଁ ତାଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଲାଭକୁ ଅନ୍ତର୍ଭୁକ୍ତ କରିବା ନ୍ୟାୟସଙ୍ଗତ କି?"

1961

କେ. ଏ. ରାମାଚର
ବନାମ
ଆୟକର ଆୟୁକ୍ତ, ମାଡ୍ରାସ

ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତି

ଉଚ୍ଚ ନ୍ୟାୟାଳୟ ସକାରାତ୍ମକ ଭାବେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରମାଣପତ୍ର ସହିତ ଏହି ଆବେଦନ ଦାଖଲ କରାଯାଇଛି ।

ମେସର୍ସ ଚାରି ଏବଂ ରାମ, ନାମକ ଏକ ବ୍ୟବସାୟିକ ପ୍ରତିଷ୍ଠାନର ପାଞ୍ଚ ଜଣ ଅଂଶୀଦାରଙ୍କ ମଧ୍ୟରୁ ରଙ୍ଗଚାରୀ ଜଣେ ଥିଲେ ଏବଂ ଭାଗିଦାରୀର ଲାଭ ଏବଂ କ୍ଷତିରେ ଛଅ-ଅଣା ଅଂଶ ରଖିଥିଲେ । ତା 22 ସେପ୍ଟେମ୍ବର 1947 ରିଖରେ ସେ ତାଙ୍କ ପତ୍ନୀ, ଜଣେ ପ୍ରାପ୍ତବୟସ୍କା ବିବାହିତା ଝିଅ ଏବଂ ଜଣେ ନାବାଳିକା ଝିଅଙ୍କ ସପକ୍ଷରେ ତିନୋଟି ବନ୍ଦୋବସ୍ତ ଦଲିଲ ନିଷ୍ପାଦିତ କରିଥିଲେ ଯାହା ପ୍ରଦର୍ଶନୀ A, A-1 ଏବଂ A-2 ରୂପେ ଚିହ୍ନିତ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ, ସେ 8 ବର୍ଷର ଅବଧି ପାଇଁ ତାଙ୍କୁ ପ୍ରଦାନ କରିବାକୁ ଥିବା ବ୍ୟବସାୟିକ ପ୍ରତିଷ୍ଠାନର ଲାଭର ଏକ ଚତୁର୍ଥାଂଶ (କିନ୍ତୁ କ୍ଷତି ନୁହେଁ) ପ୍ରଦାନ କରିଥିଲେ, ଲାଭର ଉକ୍ତ ଅଂଶକୁ ସମ୍ପୂର୍ଣ୍ଣ ଏବଂ ସ୍ୱତନ୍ତ୍ର ଭାବରେ ଗ୍ରହଣ କରିବାର ଅଧିକାର ସେମାନଙ୍କୁ ପ୍ରଦାନ କରିଥିଲେ ଏବଂ ଉପରୋକ୍ତ ଅବଧି ମଧ୍ୟରେ ବନ୍ଦୋବସ୍ତ ଅପରିବର୍ତ୍ତନୀୟ ବୋଲି ଘୋଷଣା କରିଥିଲେ । ତିନୋଟି ଦସ୍ତାବିଜକୁ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ, କାରଣ ସର୍ତ୍ତାବଳୀ ସମାନ ଅଟେ । ଦଲିଲର କିଛି ସର୍ତ୍ତାବଳୀ, ପ୍ରଦର୍ଶନୀ A, ଉଦ୍ଧୃତ କରାଯାଇପାରେ । ତଥ୍ୟକଥନ ପରେ ଯେଉଁଥିରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା:

"ଯେତେବେଳେ ବନ୍ଦୋବସ୍ତକାରୀ ବ୍ୟବସାୟିକ ପ୍ରତିଷ୍ଠାନରୁ ତାଙ୍କୁ ଦେୟ ହୋଇଥିବା ଲାଭର ଏକ ଚତୁର୍ଥାଂଶ ଆଠ ବର୍ଷର ଅବଧି ପାଇଁ ତାଙ୍କ ନାବାଳିକା ଝିଅ ଶ୍ରୀମତୀ ମୀରା ବାଇଙ୍କ ପାଇଁ ସ୍ଥିର କରିଛନ୍ତି;

ଏବଂ ଯେତେବେଳେ ସ୍ୱାଭାବିକ ପ୍ରେମ ଏବଂ ସ୍ନେହବଶତଃ, ବନ୍ଦୋବସ୍ତକାରୀ ହିତଗ୍ରାହୀଙ୍କୁ ବ୍ୟବସାୟିକ ପ୍ରତିଷ୍ଠାନରୁ ତାଙ୍କ ଭାଗର ଲାଭର ସମାନ ଅଂଶ ପ୍ରଦାନ କରିବାକୁ ଇଚ୍ଛା କରନ୍ତି",

ଦଲିଲଟି ଆହୁରି ବ୍ୟକ୍ତ କରେ:

"ବର୍ତ୍ତମାନ ଏହି ଚୁକ୍ତିପତ୍ର ନିମ୍ନଲିଖିତ ଭାବରେ ନିର୍ଦ୍ଦେଶ ଦିଏ:

1. ବନ୍ଦୋବସ୍ତକାରୀ ଏତଦ୍ୱାରା ହିତାଧୀକାରୀଙ୍କୁ ବ୍ୟବସାୟିକ ପ୍ରତିଷ୍ଠାନରେ ତାଙ୍କ ଲାଭର ଏକ ଚତୁର୍ଥାଂଶ (କିନ୍ତୁ କ୍ଷତି ନୁହେଁ) ସମ୍ବନ୍ଧରେ ସମସ୍ତ ଅଧିକାର ପ୍ରଦାନ କରନ୍ତି ଯାହା ତାଙ୍କୁ ଏହି ତାରିଖରୁ ଆରମ୍ଭ ହୋଇ ଆଠ ବର୍ଷର ଅବଧି ମଧ୍ୟରେ ଦେୟ ହେବ ଏବଂ ସମ୍ପୂର୍ଣ୍ଣ ଏବଂ ସ୍ୱତନ୍ତ୍ର ଅଧିକାରରେ ହିତଗ୍ରାହୀଙ୍କ ଦ୍ୱାରା ନିଆଯିବ ଏବଂ ଉପଭୋଗ କରାଯିବ,

2. ଏତଦ୍ୱାରା ସ୍ଥିରୀକୃତ ହୋଇଥିବା ଉକ୍ତ ଏକ-ଚତୁର୍ଥାଂଶ ଅଂଶରେ ବନ୍ଦୋବସ୍ତକାରୀଙ୍କ କୌଣସି ପ୍ରକାରର ଅଧିକାର କିମ୍ବା ସ୍ୱାର୍ଥ ରହିବ ନାହିଁ ଏବଂ ଉକ୍ତ ଆଠ ବର୍ଷର ଅବଧି ମଧ୍ୟରେ ବନ୍ଦୋବସ୍ତକାରୀଙ୍କ

ଅଂଶର ଏକ-ଚତୁର୍ଥାଂଶ ବ୍ୟବସାୟିକ ପ୍ରତିଷ୍ଠାନରୁ ଗ୍ରହଣ କରିବାର ଅଧିକାର କେବଳ ହିତଗ୍ରାହୀଙ୍କ ଉପରେ ନ୍ୟସ୍ତ ହେବ ।

3. ଉକ୍ତ ଆଠ ବର୍ଷର ଅବଧି ପାଇଁ ଏତଦ୍ୱାରା ସ୍ଥାନାନ୍ତରିତ ହୋଇଥିବା ଲାଭ ଅଂଶକୁ ହିତଗ୍ରାହୀ କମ୍ପାନୀରୁ ସିଧାସଳଖ ଗ୍ରହଣ ଏବଂ ସଂଗ୍ରହ କରିବାକୁ ହକଦାର ହେବେ ।

*1961*

*କେ. ଏ. ରାମାଚର*
*ବନାମ*
*ଆୟକର ଆୟୁକ୍ତ, ମାଡ୍ରାସ*

*ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତି*

.....................................................................................................................................

୪. ଏହି ବନ୍ଦୋବସ୍ତ ଅପରିବର୍ତ୍ତନୀୟ ହେବ "।

ତା 13 ଏପ୍ରିଲ 1947 ରିଖରେ ଶେଷ ହୋଇଥିବା ପୂର୍ବ ବର୍ଷ ସହ ମେଳ ଖାଉଥିବା ମୂଲ୍ୟ ନିର୍ଦ୍ଧାରଣ ବର୍ଷ 1947-1948 ରେ ରଙ୍ଗଚାରୀଙ୍କର ଲାଭର ପରିମାଣ ଥିଲା 86,491-13-0 ଟଙ୍କା । ଏହି ରାଶି ରଙ୍ଗଚାରୀଙ୍କ ଖାତାରେ ଜମା କରାଯାଇଥିଲା, ଏବଂ 21,622-15-3 ଟଙ୍କା, ଏହାର ଏକ ଚତୁର୍ଥାଂଶ ହୋଇଥିବାରୁ, ତିନି ଜଣ ଗ୍ରହୀତାମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଖାତାକୁ ସ୍ଥାନାନ୍ତର କରାଯାଇଥିଲା । ସେହିଭଳି ତା 13 ଏପ୍ରିଲ 1948 ରିଖରେ ଶେଷ ହୋଇଥିବା ପୂର୍ବ ବର୍ଷର ଲାଭର ମଧ୍ୟ ବନ୍ଦୋବସ୍ତ କରାଯାଇଥିଲା । କରଦାତା ଦାବି କରିଛନ୍ତି ଯେ ଏହି ପରିମାଣକୁ ମୂଲ୍ୟ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ତାଙ୍କ ମୋଟ ଆୟରେ ଅନ୍ତର୍ଭୁକ୍ତ କରା ଯାଇପାରିବ ନାହିଁ, ଯାହାକୁ ଆୟକର ଅଧିନିୟମର ଧାରା 16(1)(c)ର ତୃତୀୟ ସର୍ତ୍ତାବଳୀ କାରଣରୁ ବାଦ ଦିଆଯାଇଛି । ସେ ଏ'ପରି ମଧ୍ୟ ଯୁକ୍ତି କରିଥିଲେ ଯେ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କୁ ପ୍ରଦାନ କରାଯିବାକୁ ଥିବା ରାଶି କଦାପି ତାଙ୍କ ଆୟ ହୋଇନଥିଲା, ଏକ ପ୍ରାଧାନ୍ୟତାର ଅଧିକାର ଦ୍ୱାରା ବିଚଳନ କରାଯାଇଥିଲା, ଏବଂ ଏହି ମାମଲା *ବିଜୟ ସିଂ ଦୁଧୁରିଆ* ବନାମ *ଆୟକର ଆୟୁକ୍ତ ବଙ୍ଗଳା*([1]) ରେ ପ୍ରିଭି ପରିଷଦ ଦ୍ୱାରା ନିର୍ଦ୍ଧାରିତ ନିୟମ ଦ୍ୱାରା ପରିଚାଳିତ ହୋଇଥିଲା ।

କରଦାତାଙ୍କ ଯୁକ୍ତିକୁ ଆୟକର ଅଧିକାରୀ ଗ୍ରହଣ କରିନଥିଲେ ଏବଂ ସହକାରୀ ଆବେଦନ ଆୟୁକ୍ତ ଏବଂ ନ୍ୟାୟାଧିକରଣଙ୍କ ନିକଟରେ ତାଙ୍କର ଆବେଦନ ମଧ୍ୟ ବିଫଳ ହୋଇଥିଲା । ହିସାବ ବର୍ଷ 1947-1948 ପାଇଁ ମୂଲ୍ୟ ନିର୍ଦ୍ଧାରଣ ହେବା ପର୍ଯ୍ୟନ୍ତ, ଆୟକର ଅଧିକାରୀ ମତବ୍ୟକ୍ତ କରିଥିଲେ ଯେ ଆୟ କରଦାତାଙ୍କ ପାଖରେ ପୂର୍ବରୁ ଜମା ହୋଇସାରିଛି, କାରଣ ହିସାବ ବର୍ଷ ଶେଷ ହେବାର ପାଞ୍ଚ ମାସ ପରେ ଦଲିଲ ନିଷ୍ପାଦିତ ହୋଇଥିଲା । ସେ ଏହା ମଧ୍ୟ କହିଥିଲେ ଯେ ନାବାଳିକା କନ୍ୟାକୁ ହୋଇଥିବା ହସ୍ତାନ୍ତର ଧାରା 16(3) ମଧ୍ୟରେ ପଡୁଛି, ଯେହେତୁ ହସ୍ତାନ୍ତର ପାଇଁ ପର୍ଯ୍ୟାପ୍ତ ବିଚାର ନଥିଲା । ପତ୍ନୀ ଏବଂ ବିବାହିତା ଝିଅ ସମ୍ବନ୍ଧରେ, ସେ ଏହି ମତ ପୋଷଣ କରିଥିଲେ ଯେ ଧାରା 16(1)(c) ପ୍ରଯୋଜ୍ୟ ହୋଇନଥିଲା, କାରଣ ଯାହା ହସ୍ତାନ୍ତର କରାଯାଇଥିଲା ତାହା ପ୍ରଥମେ କରଦାତାଙ୍କୁ ଜମା ଦିଆଯାଇଥିବା ଆୟ ଥିଲା, ଯେତେବେଳେ କି ଧାରା 16(1)(c) ଜଣେ ବ୍ୟକ୍ତିଙ୍କୁ ଜମା ଦିଆଯାଇଥିବା ଆୟ, କାହାକୁ ହସ୍ତାନ୍ତର କରାଯାଇଥିଲା, ସେ ବିଷୟରେ ଅନୁଧ୍ୟାନ କରୁଥିଲା ।

---

[1] [1933] 1 ଆଇ.ଟି.ଆର. 135

1961

କେ. ଏ. ରାମାଚର
ବନାମ
ଆୟକର ଆୟୁକ୍ତ,
ମାଡ୍ରାସ

ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତି

ଅନ୍ୟ ମୂଲ୍ୟ ନିର୍ଦ୍ଧାରଣ ବର୍ଷ ସଂକ୍ରାନ୍ତରେ କରଦାତାଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସମାନ କାରଣମାନ (ପ୍ରଥମଟି ବ୍ୟତୀତ) ଦିଆଯାଇଥିଲା ।

ଆବେଦନ ସହକରୀ ଆୟୁକ୍ତ, ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ । ଉଚ୍ଚ ନ୍ୟାୟାଳୟ ଏକ ବିସ୍ତୃତ ରାୟରେ ଦର୍ଶାଇଛନ୍ତି ଯେ ଧାରା 16(1)(c) ଏହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ହୋଇନଥିଲା ଏବଂ ତେଣୁ ତୃତୀୟ ପ୍ରାବଧାନଟି ଆକର୍ଷିତ ହୋଇନଥିଲା । ଏହା ମଧ୍ୟ ଦର୍ଶାଇଥିଲେ ଯେ ଆୟ ପ୍ରଥମେ କରଦାତାଙ୍କୁ ଜମା ଦିଆହୋଇଥିଲା, ଏବଂ ତା'ପରେ ଦଲିଲଗୁଡ଼ିକ ଅଧୀନରେ ଦେୟ ପାଇଁ ପ୍ରଯୋଜ୍ୟ କରାଯାଇଥିଲା ।

ଏହି ନ୍ୟାୟାଳୟ ନିକଟ ଅତୀତରେ ତିନୋଟି ମାମଲାରେ ଫଏସଲା କରିଛନ୍ତି ଯାହାର ଏହି ସମ୍ପର୍କରେ ସିଧାସଳଖ ପ୍ରଭାବ ରହିଛି । *ପ୍ରଭାତ କୁମାର ମିତ୍ତର* ବନାମ *ଆୟକର ଆୟୁକ୍ତ, ପଶ୍ଚିମବଙ୍ଗ* ([1]) ରେ, କରଦାତା ଏକ ନ୍ୟାସ ଦଲିଲ ନିଷ୍ପାଦିତ କରିଥିଲେ ଯାହା ଅଧୀନରେ କିଛି ଅଂଶଗୁଡ଼ିକରୁ ଲାଭାଂଶ ଯାହା ତାଙ୍କ ସମ୍ପତ୍ତି ଭାବେ ଚାଲୁ ରହିଥିଲା, ତାଙ୍କ ପତ୍ନୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା କୁହାଯାଇଥିଲା ଯେ ଏହି ମାମଲା ଧାରା 16(1)(c) ମଧ୍ୟରେ ପଡ଼େ ନାହିଁ ଏବଂ *ବିଜୟ ସିଂ ଦୁଧୁରିଆଙ୍କ*([2]) ମାମଲାରେ ନିୟମ ମଧ୍ୟ ଲାଗୁ ହୋଇନଥିଲା । *ତୁଳସୀଦାସ କିଲାଚାନ୍ଦ* ବନାମ *ଆୟକର ଆୟୁକ୍ତ ବମ୍ବେ* ([3]) ମାମଲାରେ, ସ୍ୱାମୀ ଅଂଶଗୁଡ଼ିକର ଏକ ନ୍ୟାସ ସୃଷ୍ଟି କରିଥିଲେ, ପତ୍ନୀଙ୍କୁ ସାତ ବର୍ଷର ଅବଧି ପାଇଁ ସେହି ଅଂଶଗୁଡ଼ିକରୁ ଲାଭାଂଶ ପ୍ରଦାନ କରିବା ପାଇଁ ନ୍ୟାସୀ ଭାବରେ ନିଜକୁ ଗଠନ କରିଥିଲେ । ଏହା କୁହାଯାଇଥିଲା ଯେ ଏହି ମାମଲା ଧାରା 16 (1)(c) ଦ୍ୱାରା ନୁହେଁ ବରଂ ଧାରା 16 (3)(b) ଦ୍ୱାରା ପରିଚାଳିତ ଥିଲା । *ଆୟକର ଆୟୁକ୍ତ ବମ୍ବେ* ବନାମ *ଶୀତଳଦାସ ତିରଥଦାସ* ([4]) ମାମଲାରେ, ପ୍ରିଭି ପରିଷଦ ଦ୍ୱାରା *ବିଜୟ ସିଂ ଦୁଧୁରିଆ*([2])ଙ୍କ ମାମଲାରେ ନିର୍ଦ୍ଧାରିତ ନିୟମକୁ, *ପି. ସି. ମଲ୍ଲିକ* ବନାମ *ଆୟକର ଆୟୁକ୍ତ, ବଙ୍ଗଳା*([5]) ରେ ପ୍ରିଭି ପରିଷଦ ମାମଲା ସହିତ ବିଚାର କରାଯାଇଥିଲା ଏବଂ ଏହା ଦର୍ଶାଯାଇଥିଲା ଯେ *ବିଜୟ ସିଂ ଦୁଧୁରିଆ*([2])ଙ୍କ ମାମଲାର ନିୟମ କେବଳ ସେହି ମାମଲାଗୁଡ଼ିକରେ ଲାଗୁ ହେଉଥିଲା ଯେଉଁଠାରେ ଏହା କୁହାଯାଇପାରିବ ଯେ ଏକ ପ୍ରାଧାନ୍ୟତାର ଅଧିକାର ଦ୍ୱାରା ଆୟ ଏ'ପରି ଭାବରେ ବିଚଳନ କରାଯାଇଥିଲା ଯାହା କେବେ ବି କରଦାତାଙ୍କର ଆୟ ହେବ ନାହିଁ । ଏହି ତିନୋଟି ମାମଲା, ଆମ୍ଭ ମତରେ ଆବେଦନକାରୀଙ୍କ ଯୁକ୍ତିଗୁଡ଼ିକର ସମ୍ପୂର୍ଣ୍ଣ ଉତ୍ତର ଦେଉଛି ।

ବନ୍ଦୋବସ୍ତ ଦଲିଲର ଯାଞ୍ଚରୁ ଜଣାପଡ଼େ ଯେ ବିତରଣକାରୀ କହିଥିଲେ ଯେ ତାଙ୍କୁ ପ୍ରଦାନ କରାଯିବାକୁ ଥିବା ଲାଭରୁ "କିଛି ପରିମାଣ ବିନିର୍ଦ୍ଦିଷ୍ଟ ଭାଗରେ ତାଙ୍କ ପତ୍ନୀ ଏବଂ ଦୁଇ ଝିଅଙ୍କୁ ଦେବାକୁ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ କରଦାତା ସେହି ଦଲିଲଗୁଡ଼ିକରେ ଗ୍ରହୀତା ସପକ୍ଷରେ ଯେଉଁ ସଂସ୍ଥାରେ ସେ ଅଂଶୀଦାର ଥିଲେ, ସେହି ସଂସ୍ଥାରୁ ସିଧାସଳଖ ଅର୍ଥ ପାଇବାର ଅଧିକାର ସୃଷ୍ଟି କରିଥିଲେ । ଦଲିଲର ଅବଧି ଦର୍ଶାଏ ଯେ ଲାଭ ପ୍ରଥମେ ଆୟୁକ୍ତ ନିକଟରେ ଜମା ଥିଲା ଏବଂ ତା'ପରେ ଗ୍ରହୀତାଙ୍କୁ ଦେୟପ୍ରଦାନ ପାଇଁ ପ୍ରଯୋଜ୍ୟ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷର ଶ୍ରୀମାନ ଓକିଲ ଯୁକ୍ତି କରିଥିଲେ ଯେ ଯାହା ହସ୍ତାନ୍ତର କରାଯାଇଥିଲା

---

1 [1961] 3 ଏସ.ସି.ଆର. 37
2 [1933] 1 ଆଇ.ଟି.ଆର. 135
3 [1961] 3 ଏସ.ସି.ଆର. 351.
4 [1961] 2 ଏସ.ସି.ଆର. 634
5 [1938] 6 ଆଇ.ଟି.ଆର. 206

*1961*

*କେ. ଏ. ରାମାଚର ବନାମ ଆୟକର ଆୟୁକ୍ତ, ମାଡ୍ରାସ*

*ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତି*

ତାହା ଏକ ଅଭିଯୋଗଯୋଗ୍ୟ ଦାବି ଥିଲା, ଅର୍ଥାତ୍, ଲାଭର ଅଧିକାର, ଏବଂ ତେଣୁ ଲାଭକୁ ବିତରଣକାରୀଙ୍କୁ ଜମା ଦେବା ପୂର୍ବରୁ ସେଗୁଡ଼ିକ ବିଚଳନ କରାଯାଇଥିଲା । ଏହା, ଆମ୍ଭ ମତରେ, ଭାଗିଦାରୀର ଆଇନ କିମ୍ବା ଆମ୍ଭେ ନଥିରେ ପାଇଥିବା ତଥ୍ୟାବଳୀ ଅନୁସାରେ ନୁହେଁ । ଭାଗିଦାରୀ ଆଇନ ଅନୁସାରେ ଅଂଶୀଦାର ଏବଂ କେବଳ ଅଂଶୀଦାର ହିଁ ଲାଭ ପାଇବାକୁ ହକଦାର ଅଟନ୍ତି । ଜଣେ ଅପରିଚିତ ବ୍ୟକ୍ତି, ଯଦିଓ ସେ ଜଣେ ଗ୍ରହୀତା, ଲାଭ ଉପରେ ସିଧାସଳଖ ଦାବି କରିନାହାଁନ୍ତି ଏବଂ କରିପାରିବେ ବି ନାହିଁ । ପ୍ରଶ୍ନରେ ଥିବା ଦଲିଲ ଦ୍ୱାରା କରଦାତା କେବଳ ତାଙ୍କ ପତ୍ନୀ ଏବଂ ଝିଅମାନଙ୍କୁ ବ୍ୟବସାୟିକ ପ୍ରତିଷ୍ଠାନ ସପକ୍ଷରେ ଏକ ବୈଧ ନିର୍ବାହ ଗଠନ କରିବାକୁ ଅନୁମତି ଦେଇଥିଲେ; କିନ୍ତୁ ଯାହା ପ୍ରଦାନ କରାଯାଇଥିଲା, ଆଇତଃ, ତାଙ୍କ ଲାଭର ଏକ ଅଂଶ, କିମ୍ବା ଅନ୍ୟ ଶବ୍ଦରେ, ତାଙ୍କ ଆୟ ଥିଲା । ବ୍ୟବସାୟିକ ପ୍ରତିଷ୍ଠାନ, ମେସର୍ସ ଚାରି ଏବଂ ରାମର ହିସାବ ବହି ଉପରେ ଏକ ନଜର ପକାଇଲେ, ସ୍ପଷ୍ଟ ଭାବରେ ଏହା ଦର୍ଶାଏ ଯେ ଏହି ରାଶି ପ୍ରଥମେ ରଙ୍ଗଚାରୀଙ୍କ *ଖାତାରେ* ଜମା କରାଯାଇଥିଲା ଏବଂ ତା'ପରେ ତାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ *ଖାତାରୁ* ତାଙ୍କ ପତ୍ନୀ ଏବଂ ଝିଅମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ଆୟୋଜନ ବ୍ୟବସ୍ଥା, ତେଣୁ, ଆୟର ବର୍ଦ୍ଧିତ ଅର୍ଥ ତାଙ୍କୁ ଦିଆଯିବାପରେ, ଆଇନଗତ ଭାବରେ ଏବଂ ବାସ୍ତବରେ, ରଙ୍ଗଚାରୀଙ୍କ ଆୟର ଭାଗ ଥିଲା ଏବଂ ବର୍ଦ୍ଧିତ ଅର୍ଥ ପ୍ରଦାନ ସମୟରେ ତାଙ୍କ ଦ୍ୱାରା କର ଦେୟଯୋଗ୍ୟ ହେଉଥିଲା । *ଶୀତଳଦାସ ତିରଥଦାସଙ୍କ* ମାମଲା ([1]) ରେ ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ଏହା କୁହାଯାଇପାରିବ ନାହିଁ ଯେ ଲାଭ ରଙ୍ଗଚାରୀଙ୍କୁ ପ୍ରଦାନ ହେବା ପୂର୍ବରୁ ଏକ ପ୍ରାଧାନ୍ୟତାର ଅଧିକାର ଦ୍ୱାରା ବିଚଳନ କରାଯାଇଥିଲା; ଏବଂ *ବିଜୟ ସିଂ ଦୁଧୁରିଆଙ୍କ*([2]) ମାମଲାର ନିୟମ ସହାୟତା ପାଇଁ ନିଆଯାଇପାରିବ ନାହିଁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଦିଆଯାଇଥିବା ଉତ୍ତରରେ ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ସହ ସମ୍ପୂର୍ଣ୍ଣ ସମ୍ମତ ଏବଂ ଖର୍ଚ୍ଚ ସହିତ ଏହି ଆବେଦନଗୁଡ଼ିକୁ ଖାରଜ କରୁଛୁ ।

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

[1] [1961] 2 ଏସ.ସି.ଆର. 634

[2] [1933] ଆଇ.ଟି.ଆର. 135.

49